ଶନିବାର, ୨୭ ସେପ୍ଟେମ୍ବର, ୨୦୨୫

# ପିଲାଙ୍କ ଧରିତ୍ରୀ



# ଖିଲି ଖିଲି ହସ

ରିଙ୍କି : ପିଙ୍କି ମିନିର ମାମାଙ୍କୁ ସମସ୍ତେ କେଉଁ ନାମରେ ଡାକନ୍ତି ଜାଣିଛୁ ?
ପିଙ୍କି: ନା, ମୁଁ ଜାଣିନି।
ରିଙ୍କି: ଆରେ ଏତିକି ଜାଣିନୁ , ମିନିମମ୍ ବୋଲି।

ବାପ ପୁଅ ମଧ୍ୟରେ କଥାବାର୍ତ୍ତା
ବାପା: ଏବେ ଗାଡ଼ିର ପେଟ୍ରୋଲ ସରିଗଲାଣି ଆଉ ଆଗକୁ ଯାଇ ହେବନି।
ମିକୁ: କିଛି କଥା ନାହିଁ ବାପା, ଏବେ ଗାଡ଼ିକୁ ରିଭର୍ସ କରିନିଅ ଘରକୁ ଫେରିଯିବା।

ସୋନୁ: ମୋନୁ କହିଲୁ, ଏମିତି ଏକ ବାକ୍ୟ ଯେଉଁଟା କିଛି ପିଲା ଅଧିକ କ୍ଲାସ୍‌ରେ କହିଥାନ୍ତି ?
ମୋନୁ: 'ମୁଁ ଜାଣିନି' ।
ସୋନୁ: ହାଃ ହାଃ ବିଲକୁଲ୍ ଠିକ୍ କଥା କହିଲୁ।


ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,


## ସୂଚନା

ଆଇଏନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ (ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୁଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ବିପଦେ ହୁଅନ୍ତି ସାହା



## ଗପ

ଦୁର୍ଗାଗଡ଼ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ଦୁର୍ଗା। ରାଜପ୍ରାସାଦ ନିକଟରେ ଦେବୀଙ୍କର ଏକ ଭବ୍ୟ ମନ୍ଦିର ରହିଛି। ରାଜ୍ୟର ରାଜା ଦୁର୍ଗାଦାସ ମା'ଙ୍କ ଭକ୍ତ। ପ୍ରତିଦିନ ସେ ମା' ଦୁର୍ଗାଙ୍କୁ ଦର୍ଶନ କରି ରାଜକାର୍ଯ୍ୟ ଆରମ୍ଭ କରନ୍ତି। ଦେବୀଦୁର୍ଗାଙ୍କ ଅପାର କରୁଣା ଥିଲା ତାଙ୍କ ରାଜ୍ୟ ଉପରେ। ଅନେକ ରାଜା ପୂର୍ବରୁ ଆକ୍ରମଣ କରିଥିଲେ ହେଁ ପରାଜିତ କରିପାରିନାହାନ୍ତି ଦୁର୍ଗାଗଡ଼କୁ। ରାଜ୍ୟବାସୀଙ୍କର ମଧ୍ୟ ଦେବୀଙ୍କ ଉପରେ ଅତୁଟ ବିଶ୍ୱାସ ରହିଛି।

ଆଶ୍ୱିନ ମାସରେ ଷୋଳପୂଜା ସହିତ ବିଜୟାଦଶମୀ ଖୁବ୍ ଧୁମଧାମରେ ପାଳନ ହୁଏ ଏହି ରାଜ୍ୟରେ। ରାଜା ଓ ରାଜ୍ୟର ଅଧିବାସୀଗଣ ମା' ଦୁର୍ଗାଙ୍କ ମନ୍ଦିରକୁ ଆସନ୍ତି। ମା'ଙ୍କ ଦୁର୍ଲଭ ଦର୍ଶନ କରି ଆଶୀର୍ବାଦ ନିଅନ୍ତି। ସମସ୍ତେ ନିଜକୁ ଦେବୀ ଦୁର୍ଗାଙ୍କ ଆଶ୍ରିତ ବୋଲି ଭାବୁଥିବାରୁ କିଛି ଭୁଲ୍ କଲେ ମା'ରୁଷ୍ଟ ହେବେ ବୋଲି ସଭିଙ୍କ ଧାରଣା। ଏହି କାରଣରୁ ରାଜ୍ୟର ଅଧିବାସୀମାନେ ସରଳ, ସତ୍ୟନିଷ୍ଠ, କର୍ମଠ ଓ ପରୋପକାରୀ।

ଦୁର୍ଗାପୂଜା ସମୟର କଥା। ରାଜା ଦୁର୍ଗାଦାସ ମା' ଦୁର୍ଗାଙ୍କ ପୂଜାର ଆୟୋଜନ କରୁଥାନ୍ତି। ରାଜ୍ୟ ଉତ୍ସବମୁଖର ଥାଏ। ରାଜ୍ୟରେ ସମସ୍ତେ ଆନନ୍ଦ ଉଲ୍ଲାସରେ ମାତିଥିବା ଦେଖି ପଡ଼ୋଶୀ ରାଜ୍ୟର ସମ୍ରାଟ ଅର୍ସଲାନ ଦୁର୍ଗାଗଡ଼ ଆକ୍ରମଣ କରିବାକୁ ଯୋଜନା କଲେ। ସେ ଚିନ୍ତାକଲେ ଏମିତି ସହଜରେ ଦୁର୍ଗାଗଡ଼କୁ ପରାସ୍ତ କରିହେବ ନାହିଁ। ଏଣୁ ସମ୍ରାଟ ଅର୍ସଲାନ ତାଙ୍କ ଗୁପ୍ତଚର ଓ ସୈନ୍ୟମାନଙ୍କୁ ରାତିରେ ପଠାଇଲେ ଦେବୀ ଦୁର୍ଗାଙ୍କ ମନ୍ଦିର ଦଖଲ କରିନେବାକୁ। କାରଣ ମା' ଦୁର୍ଗାଙ୍କ ମନ୍ଦିର ଦଖଲ କଲେ ଦୁର୍ଗାଗଡ଼ର ରାଜ କର୍ମଚାରୀ ଓ ଅଧିବାସୀଙ୍କ ମନୋବଳ ଭାଙ୍ଗିଯିବ। ସେମାନେ ଯୁଦ୍ଧରେ ହାରିଯିବେ। ଫଳରେ ଦୁର୍ଗାଗଡ଼ ଦଖଲ ସହଜ ହେବ। ଏଣୁ ଯୋଜନା ମୁତାବକ ରାତିରେ ଆସି ମା' ଦୁର୍ଗାଙ୍କ ମନ୍ଦିର ଚାରିପାଖ ଘେରିଗଲେ। ରାଜା ଦୁର୍ଗାଦାସ ତାଙ୍କ ରାଜପ୍ରାସାଦରେ ଥାଆନ୍ତି। ଖବର ପାଇବାପରେ ସେ ପ୍ରାସାଦ ବାହାରକୁ ଧାଇଁ ଆସିଲେ। ଦୁଇ ହାତ ଟେକି ଦେଉ ମା'ଙ୍କ ନିକଟରେ ପ୍ରାର୍ଥନା କରି କହିଲେ ତୋ ରାଜ୍ୟ ତୁହି ରକ୍ଷା କର। ରାଜାଙ୍କ ଆକୁଳ ପ୍ରାର୍ଥନାରେ ରାଜ୍ୟବାସୀ ଓ ସୈନ୍ୟସାମନ୍ତ ଯୋଗଦେଲେ। ରାଜା ଦୁର୍ଗାଦାସ ତୁରନ୍ତ ସୈନ୍ୟଙ୍କୁ ଡକାଇ କହିଲେ ମା' ଦୁର୍ଗା ହେଉଛନ୍ତି ସାହସ ଓ ବୀରତ୍ୱର ପ୍ରତୀକ। ଆମ ଜୀବନ ଥିବାଯାଏ ରାଜା ଅର୍ସଲାନଙ୍କ ସହିତ ଲଢ଼େଇ କରିବା। ସେହି ରାତିରେ ହିଁ ଦୁଇ ରାଜ୍ୟର ସୈନ୍ୟଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା। ଅନ୍ଧାର ରାତିର ଯୁଦ୍ଧରେ ବିଜୁଳି ଚିକ୍‌ମିକ୍ କରୁଥାଏ। ବିଜୁଳିର ଚିକ୍‌ମିକ୍ ଆଲୋକରେ ଦୁର୍ଗାଗଡ଼ର ପ୍ରତିଟି ସୈନ୍ୟ ମା' ଦଶଭୁଜାଙ୍କ ପରି ଦେଖାଯାଉଥାନ୍ତି। ସତେ ଯେମିତି ସେମାନେ ଦଶଟି ହାତରେ ଯୁଦ୍ଧ କରୁଛନ୍ତି। ଏହା ଦେଖି ଅର୍ସଲାନଙ୍କ ସୈନ୍ୟମାନେ ଭୟଭୀତ ହୋଇଗଲେ ଏବଂ ଜାଣିପାରିଲେ ଏହି ଯୁଦ୍ଧରେ ଆମର ପରାଜୟ ନିଶ୍ଚିତ। ଏଣୁ ରାଜା ଅର୍ସଲାନଙ୍କ ସମେତ ସମସ୍ତ ସୈନ୍ୟ ଜୀବନ ରକ୍ଷା କରି ଯୁଦ୍ଧଭୂମି ଛାଡ଼ି ପଳାଇଲେ। ଦୁର୍ଗାଦାସ ମା' ଦୁର୍ଗାଙ୍କ ମନ୍ଦିର ଓ ନିଜ ରାଜ୍ୟ ଫେରିପାଇବା ସହିତ ଅର୍ସଲାନଙ୍କ ରାଜ୍ୟକୁ ଦୁର୍ଗାଗଡରେ ମିଶ୍ରଣ କରି ରାଜ୍ୟ ଶାସନ କଲେ। ଅତର୍କିତ ଯୁଦ୍ଧରେ ବିଜୟ ଲାଭ କରିବା ପରେ ରାଜା ଦୁର୍ଗାଦାସ ଦେବୀ ଦୁର୍ଗାଙ୍କୁ ହାତଯୋଡି କହୁଥିଲେ ମା' ବିପଦେ ହୁଅନ୍ତି ସାହା ।


**- ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩


# ସିଂହବାହିନୀ



ଦେବୀ ପାର୍ବତୀ ଭଗବାନ ଶିବଙ୍କୁ ପତି ରୂପେ ପାଇବାକୁ ଅନେକ ବର୍ଷ ତପସ୍ୟା କଲେ। ତପସ୍ୟା କରୁଥିବା ବେଳେ ଖରା, ବର୍ଷା, ଶୀତ ପ୍ରକୋପରେ ଦେବୀ ପାର୍ବତୀଙ୍କ ଶରୀର ଶ୍ୟାମଳ ବର୍ଣ୍ଣ ହୋଇଯାଇଥିଲା। ଦିନେ ବାର୍ତ୍ତାଳାପ ଚାଲିଥିବା ବେଳେ ଭଗବାନ ଶିବ ଦେବୀଙ୍କୁ କାଳୀ ବୋଲି ସମ୍ବୋଧନ କରିଦେଲେ। ଶିବଙ୍କ ଆକ୍ଷେପ ଦେବୀଙ୍କୁ ଆଘାତ ଦେଲା। ତତକ୍ଷଣାତ୍ ସେ ଆଉଥରେ ତପସ୍ୟା କରିବାକୁ ଚାଲିଗଲେ।

ଦେବୀ ପାର୍ବତୀ ତପସ୍ୟାରେ ଲୀନ ଥିବା ଅବସ୍ଥାରେ ଦିନେ ଗୋଟେ ସିଂହ ତାଙ୍କ ନିକଟରେ ପହଞ୍ଚିଲା। ଦେବୀଙ୍କୁ ଭକ୍ଷଣ କରିବା ଆଶାରେ ତାଙ୍କ ଚାରିପଟେ ପରିକ୍ରମା କଲା। ଦେବୀ ତପସ୍ୟାରେ ବିଲୀନ ରହିଥିବା ଦେଖି ସେଇଠାରେ ଅପେକ୍ଷା କଲା। ଅପେକ୍ଷାର ଅନ୍ତ ହେଉନଥାଏ। ବର୍ଷ ପରେ ବର୍ଷ ବହୁବର୍ଷ ଅତିକ୍ରାନ୍ତ ହେଲା। ଦେବୀଙ୍କ ତପ ବଳର ପ୍ରକାଶମୟରେ ସିଂହ ତାଙ୍କୁ ସ୍ପର୍ଶ କରିପାରୁ ନଥାଏ। ବହୁବାର ପ୍ରୟାସ କରି ବିଫଳ ହେବା ପରେ ଚୁପଚାପ ବସି ରହିଥାଏ।

ଅନେକ ବର୍ଷ ପରେ ଦେବୀଙ୍କ ତପସ୍ୟାରେ ମୁଗ୍ଧ ହୋଇ ଭଗବାନ ଶିବ ପ୍ରକଟ ହୋଇ ମନୋବାଞ୍ଛା ପୂର୍ଣ୍ଣ କରିବାକୁ କହିଲେ। ଦେବୀ ପାର୍ବତୀ ନିଜର ଗୌର ଶରୀର ଫେରାଇ ଆଣିବାକୁ ଚାହିଁଲେ। ଭଗବାନ ଶିବ ତଥାସ୍ତୁ କହି ସେଠାରୁ ଚାଲିଗଲେ। ହଠାତ୍ ତାଙ୍କ ଅବୟବରୁ ଶ୍ୟାମଳ ରଙ୍ଗ ଅପସରି ଗଲା ଏବଂ ସେ ପୂର୍ବପରି ଗୌରବର୍ଣ୍ଣରେ ଅବତୀର୍ଣ୍ଣ ହେବାରୁ ତାଙ୍କ ନାମ ମାତା ଗୌରୀ ହେଲା। ପରେ ପରେ ତାଙ୍କ ଧ୍ୟାନ ସିଂହ ଉପରେ ପଡ଼ିଲା। ସିଂହକୁ ଦେଖିବା କ୍ଷଣି ପୁଣିଥରେ ଭଗବାନ ଶିବଙ୍କୁ ଆବାହନ କରି କହିଲେ-ହେ ଦେବାଧିଦେବ! ଏହି ସିଂହ ବର୍ଷ ବର୍ଷ ଧରି ମୋର ସଂପୂର୍ଣ୍ଣ ତପସ୍ୟା ସମୟରେ ମୋତେ ଜଗି ରହିଥିଲା। ଯେତେ ଗୂଢ଼ ତପସ୍ୟା ମୁଁ କରିଛି ସେତେ ଦିନ ଯାଏ ସେ ବି ଅବିଚଳ ମୋତେ ଜଗି ରହିଛି। ସେଥିପାଇଁ ବରଦାନ ସଦୃଶ ଉକ୍ତ ସିଂହକୁ ମୋର ବାହାନ କରିଦିଅନ୍ତୁ। ଭଗବାନ ଶିବ ଦେବୀଙ୍କ ଇଚ୍ଛାକୁ ସ୍ୱୀକାର କଲେ। ବରଦାନ ମିଳିବା ପରେ ଦେବୀ ପାର୍ବତୀ ସିଂହ ଉପରେ ବିରାଜମାନ ହେଲେ। ସେବେଠାରୁ ତାଙ୍କ ନାମ ହେଲା ସିଂହବାହିନୀ।


**- ସୁଧାଂଶୁ ଶେଖର ଦ୍ୱିବେଦୀ**
ବିସି-୭୪, ସଲ୍ଟ ଲେକ୍, କୋଲକାତା-୬୪
ମୋ: ୯୬୮୧୩୭୩୫୧୨


## ରଙ୍ଗ ଦିଅ



# ମତାମତ

▸▸ 'ଗଳ୍ପରେ ବୁଦ୍ଧିଆର ବୁଦ୍ଧି ଗଳ୍ପଟି ଶିକ୍ଷଣୀୟ ହୋଇଛି।
-ରତ୍ନାକର ରାଉତ, ବାଲେଶ୍ୱର

▸▸ ନୈତିକ ଶିକ୍ଷା ପାଠଟି ପିଲାଙ୍କ ଲାଗି ଉପାଦେୟ। ଏହାକୁ ଅନୁସରଣ କରିବା ଦ୍ୱାରା କିଛି କଥା ନିଶ୍ଚିତ କାମରେ ଆସିବ।
**-ତୁହିନା ସାହୁ, ବାଲିକୁଦା,ଜଗତ୍‌ସିଂହପୁର**

▸▸ ଜଣା ଅଜଣା ପୃଷ୍ଠାରେ ପ୍ରକାଶିତ ଅଜବ ସ୍କୁଲ୍ ଏବଂ କାହିଁକି ଜାରିହୁଏ ଆଲର୍ଟ ସେ ବିଷୟରେ ଜାଣିହେଲା।
**-ତୁଷାର ମହାନ୍ତି, ନୟାଗଡ**

▸▸ ଆଇନା ସ୍ତମ୍ଭରେ ପ୍ରକାଶିତ କୁନିକୁନି ପିଲାଙ୍କ ଫଟୋ ଦେଖିବାକୁ ସୁନ୍ଦର ଲାଗୁଛି।
**-ଜିଗ୍ନେଶ ନାୟକ, ବ୍ରହ୍ମପୁର**

# ଦଶହରା ପ୍ଲାନିଂ

**ଶାରଦୀୟ ଦୁର୍ଗାପୂଜା ଲାଗି ଏବେଠୁ ଉତ୍ସବମୁଖର ଗାଁଠୁ ସହରl ତେବେ ଏବର୍ଷ ଛାତ୍ରୀଛାତ୍ର କିପରି ପୂଜା ପାଳିବେ ସେନେଇ କ'ଣ ରହିଛି ପ୍ଲାନିଂ --**







ମା' ଦୁର୍ଗାଙ୍କର ପୂଜାକୁ ଆମ ଦେଶରେ ବେଶ୍ ଧୁମଧାମରେ ପାଳନ କରାଯାଏ। ଏହି ସମୟରେ ବିଭିନ୍ନ ସ୍ଥାନରେ ମା'ଙ୍କର ମୂର୍ତ୍ତି ତିଆରି କରି ପୂଜାପାଠ ହୋଇଥାଏ। ଦେଶବାସୀ ବେଶ୍ ଆଗ୍ରହର ସହ ଏହି ପୂଜାର ମଜା ନେଇଥାଆନ୍ତି। ଯେତେବେଳେ ମହିଷାସୁରର ଆତଙ୍କରେ କେବଳ ମର୍ତ୍ତ୍ୟରେ ନୁହେଁ ସ୍ୱର୍ଗରେ ଦେବଦେବୀ ଆତଙ୍କିତ ହୋଇପଡ଼ିଲେ ସେତେବେଳେ ଭଗବାନ୍ ମା'ଙ୍କୁ ସୃଷ୍ଟି କରି ଧରାକୁ ପଠାଇଥିଲେ। ଆଉ ଶେଷରେ ମା'ଙ୍କ ହାତରେ ମହିଷାସୁରର ନିଧନ ହୋଇଥିଲା। ଏହି ବିଜୟ ଉତ୍ସବକୁ ବିଜୟାଦଶମୀ ଭାବରେ ପାଳନ କରାଯାଏ। କାହିଁ କେତେ ବର୍ଷ ପୂର୍ବରୁ ଦୁର୍ଗାପୂଜା ଅନୁଷ୍ଠିତ ହୋଇଆସୁଛି। ଜଗତଜ୍ଜନନୀ ମା'ଙ୍କ ଏବର୍ଷ ପୂଜାକୁ ଛାତ୍ରୀଛାତ୍ର କିପରି ପାଳନ କରିବେ ସେ ବିଷୟରେ ଉପସ୍ଥାପନା...

## ବୁଲାବୁଲି କରିବି



ପ୍ରତିବର୍ଷ ଦୁର୍ଗାପୂଜାକୁ ମୁଁ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଥାଏ। ମା'ଙ୍କର ଏହି ପବିତ୍ର ପୂଜା ଅବସରରେ ସ୍କୁଲ ଛୁଟି ଥାଏ। ତେଣୁ ବୁଲାବୁଲି କରିବାକୁ ସମୟ ମିଳେ। ଏଥର ଦୁର୍ଗାପୂଜାରେ ମୁଁ ପରିବାର ସଦସ୍ୟଙ୍କ ସହ ଭୁବନେଶ୍ୱରରେ ଥିବା ପିଉସୀ ଘରକୁ ଯିବୁ। ସେଠାରେ ବୁଲାବୁଲି କରିବି, ସନ୍ଧ୍ୟା ହେବା ମାତ୍ରେ ଆମେ ଘରୁ ବାହାରିବୁ। ତା'ପରେ ବିଭିନ୍ନ ଦୁର୍ଗା ମଣ୍ଡପକୁ ଯାଇ ମା'ଙ୍କ ଦର୍ଶନ କରିବୁ। ସେଠାରେ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିବି। ମୋର ପାଠପଢ଼ା କ୍ୟାରିୟର କିପରି ଭଲ ହେବ, ପରୀକ୍ଷାରେ ଆଶା ରଖିଥିବା ନମ୍ବର ମିଳିବ ସେ ବିଷୟରେ ମା'ଙ୍କୁ ଜଣାଇବି। ବୁଲାବୁଲି ସହ ସେଠାରେ ବିଭିନ୍ନ ପ୍ରକାର ଚଟ୍‌ପଟି ଖାଦ୍ୟ ଖାଇବି। ପୂଜା ନିକଟରେ ବିଭିନ୍ନ ପ୍ରକାର ଖେଳର ବ୍ୟବସ୍ଥା ଥାଏ, ତାହାର ମଧ୍ୟ ମଜା ନେବି। ଯେହେତୁ ରାତିରେ ବୁଲାବୁଲି ହେବ ତେଣୁ ଦିନରେ କିଛି ସମୟ ପାଠ ପଢ଼ିବି।

– **ଆଲୋକ ପଟେଲ୍**, କ୍ଲାସ-୧୦, ସରକାରୀ ଉଚ୍ଚ ବିଦ୍ୟାଳୟ,ପାଇକମାଳ,ବରଗଡ଼

## ନୂଆ ପୋଷାକ ପିନ୍ଧିବି



ପ୍ରତିବର୍ଷ ଦୁର୍ଗାପୂଜାରେ ମୁଁ ନୂଆ ପୋଷାକ ପିନ୍ଧେ। ଏଥର ମଧ୍ୟ ଭଲ ଡ୍ରେସ ଆଣିଛି। ନୂଆ ପୋଷାକ ପିନ୍ଧି ଅଷ୍ଟମୀ ଦିନ ପୂଜା ମଣ୍ଡପକୁ ଯିବି। ସେଠାରେ ମା'ଙ୍କୁ ପ୍ରଣାମ କରି ମୋ ମନ କଥା ଜଣାଇବି। ଏବେ ମୋର ଗୋଟିଏ ଲକ୍ଷ୍ୟ କେମିତି ଭଲ ପାଠ ପଢ଼ିବି। ତେଣୁ ସେ ନେଇ ମା' ଦୁର୍ଗାଙ୍କ ଆଶୀର୍ବାଦ ନେବି। ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ରହିଛି। ସେ ମୋତେ ଆଶୀର୍ବାଦ କରିବେ ଆଉ ତାହାକୁ ପାଥେୟ କରି ମୁଁ ମୋ ଲକ୍ଷ୍ୟ ପଥରେ ଆଗେଇବି। ତା' ସହ ବିଭିନ୍ନ ପୂଜା ମଣ୍ଡପ ବୁଲିବି। ଏଥର ଦଶହରାରେ କଟକରେ ରହି ଦୁର୍ଗାପୂଜାର ମଜା ନେବି। ସେଠାରେ ମୋ ମାମୁଘର। ମାମୁ, ମାଈଁଙ୍କ ସହ ବୁଲିବି । କଟକର ଆକର୍ଷଣୀୟ ଦୁର୍ଗା ମେଢ଼ ସହ ମୂର୍ତ୍ତି ଦେଖିବି।

–**କୃଷ୍ଣ କେଶବ ପଣ୍ଡା**, କ୍ଲାସ-୮, ସେଣ୍ଟ ଜାଭିଅର ସ୍କୁଲ,ମଙ୍ଗଳପୁର, ଯାଜପୁର

## ବୁଲାବୁଲି ସହ ଶପିଂ କରିବି



ଏଥର ଦୁର୍ଗାପୂଜାରେ କ'ଣ କରିବି ସେ ନେଇ ମୁଁ ପୂର୍ବରୁ ଯୋଜନା କରିସାରିଛି। ଯେହେତୁ ମୋର ହାଫ୍‌ୟର୍ଲି ପରୀକ୍ଷା ସରିଯାଇଥିବ ତେଣୁ ପାଠପଢ଼ା ବୋଝ କେତେକାଂଶରେ ହାଲୁକା ଥିବ। ତେଣୁ ମନ ଖୁସିରେ ବୁଲାବୁଲି କରି ମା' ଦୁର୍ଗାଙ୍କୁ ଦେଖିବି। ତା' ସହ ମଲ୍‌କୁ ଯାଇ କିଛି ଶପିଂ କରିବାର ଯୋଜନା ରହିଛି। ଦଶହରାରେ ଆମେ କେତେଜଣ ସାଙ୍ଗ ମିଶି ଭୋଜି କରିବାକୁ ସ୍ଥିର କରିଛୁ। ଦୁର୍ଗାମଣ୍ଡପ ବୁଲିବା ସମୟରେ ବେଶ୍ ସତର୍କତା ଅବଲମ୍ବନ କରିବି।

–**ସସ୍ମିତା ଦାସ**, କ୍ଲାସ-୭, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ବଡ଼ମ୍ବା,କଟକ



## ମେଲୋଡି ଉପଭୋଗ କରିବି




ପ୍ରତିବର୍ଷ ଦୁର୍ଗାପୂଜାକୁ ମୁଁ ଧୁମ୍‌ଧାମ୍‌ରେ ପାଳନ କରିଥାଏ। ପରିବାର ସଦସ୍ୟଙ୍କ ସହ ବୁଲି ମା'ଙ୍କୁ ଦର୍ଶନ କରେ। ତା'ସହ ମେଲୋଡି କାର୍ଯ୍ୟକ୍ରମରେ ମଜା ନିଏ। ଏଥର ବିଶେଷଭାବରେ ମେଲୋଡି ଦେଖିବାକୁ ସ୍ଥିର କରିଛି। ସାଙ୍ଗମାନଙ୍କ ସହ ମେଲୋଡି ଦେଖିବାର ମଜା ନିଆରା। ତା' ସହ ମା'ଙ୍କୁ ଦର୍ଶନ କରିବା ସମୟରେ ତାଙ୍କୁ ମୋ ପାଠପଢ଼ା କିପରି ସୁରୁଖୁରୁରେ ଆଗେଇବ ସେ ବିଷୟରେ ପ୍ରାର୍ଥନା କରିବି।

–**ସାଦ୍ୟାନ୍ତ ଶତପଥୀ**,କ୍ଲାସ-୭,ମଦର୍ସ ପବ୍ଲିକ୍ ସ୍କୁଲ୍,ପୁରୀ


୧


୨


୩



୪



୫


୬



୭



୮


୯


୧୦


୧୧

**ଦିବ୍ୟା ଦାସ**
କ୍ଲାସ-୪, ସେଣ୍ଟ ଯୋଶେଫ ହାଇସ୍କୁଲ, ଭୁବନେଶ୍ୱର
୧





**ଜଗନ୍ନାଥ ବେହେରା**
କ୍ଲାସ-୧୦, ଶାରଦା ବିହାର ସରକାରୀ ଉଚ୍ଚ ବିଦ୍ୟାଳୟ, ପୁରୀ
୨

**ସ୍ମୃତିରେଖା ଦାସ**
କ୍ଲାସ-୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାର୍ଶାଘାଇ, କେନ୍ଦ୍ରାପଡା
୩





**ସୁମଗ୍ନା ଦାସ**
କ୍ଲାସ- ୪, କ୍ରୀଷ୍ଟମୂର୍ତ୍ତି ୱାର୍ଲଡ ସ୍କୁଲ, ଜରିପଡା, ପ୍ରତାପନଗରୀ, କଟକ
୪

**ଆରାଧ୍ୟା ପଟ୍ଟନାୟକ**
କ୍ଲାସ- ୨, ଡିଏଭି ପବ୍ଲିକ ସ୍କୁଲ, ସେକ୍ଟର-୬, ସିଡିଏ, କଟକ
୫





**ଅର୍କିଷା ପତି**
କ୍ଲାସ-୩, ଡାଫୋଡିଲ୍ସ ଇଂଲିଶ ମିଡିୟମ୍ ସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡା
୬

**ଅଶ୍ରୁଜିତ୍ ରାଉତ**
କ୍ଲାସ-୮, ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା
୭





**ଦେବାଂଶ କୁମାର**
କ୍ଲାସ- ୬, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପରମାଣପୁର, ସମ୍ବଲପୁର
୮

**ଦିବ୍ୟାଂଶୀ ଜେନା**
କ୍ଲାସ- ୩, ବିଜେଇଏମ୍ ସ୍କୁଲ-୨, ଭୁବନେଶ୍ୱର
୯





**ସର୍ବଜିତ୍ ଶତପଥୀ**
କ୍ଲାସ-୪, ସେଣ୍ଟ ଜାଭିୟର ହାଇସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡା
୧୦

**ଦିବ୍ୟାଂଶ ଶତ୍‌ପଥୀ**
କ୍ଲାସ- ୩, ଡିଏଭି ପବ୍ଲିକ ସ୍କୁଲ, ଇଫ୍‌କୋ, ପାରାଦ୍ୱୀପ
୧୧





## ମାଆଲୋ ଆ' ଧରା

ହଲପକରି କହୁ ଏସନ
କରିବୁ ନାହିଁ ଚାନ୍ଦା
ମନେ ବିଷାଦ ଭରି କରିବୁ
ନାହିଁ ପୂଜାକୁ ମାନ୍ଦା ।
ରସାୟନର ରଙ୍ଗ ମୂର୍ତ୍ତିରେ
ବୋଳିବୁ ନାହିଁ ଡିଳେ
ଡିଜେ ଭସାଣି ବରଜି ଦେବୁ
ଭାଇଚାରାର ବଳେ ।
ଓଡ଼ିଆ କାରିଗର ହାତରେ
ମୂର୍ତ୍ତି ତୋରଣ କାମ
ଦେଶୀ ଆଲୋକ ରଙ୍ଗ ଗାଉଣା
ଟେକିବ ଗାଆଁ ନାମ ।
ଅନୀତି ପାପ ମହିଷାସୁର
ରୂପ ତଡ଼ିବା ପାଇଁ
ଗୁହାରି କରି ତାକୁ ମାଆଲୋ
ଆ' ଧରା ମହାମାୟୀ ।

**– ମହେନ୍ଦ୍ର କୁମାର ଘଡ଼େଇ**
ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ
ମୋ: ୯୪୩୭୭୪୦୫୬୬

## ମା' ଆଦ୍ୟାଶକ୍ତି

ଆଶ୍ୱିନ ଆକାଶ ସଜେଇ ହୋଇଛି
କାହିଁ କେତେ ବିଭବରେ
ଶିଶିର ପରଶେ ଶିହରଣ ଜାଗେ
କୋଟି ଜନ ହୃଦୟରେ ।
ଶରତ ସକାଳ ଅପରୂପ ଦିଶେ
ବିଭାବସୁ ପରଶରେ
ସ୍ୱଚ୍ଛ ନିରିମଳ ଦିଶଇ ଆକାଶ
କାଶତଣ୍ଡୀ ମନ ହରେ ।
ରଜନୀରେ ଚାନ୍ଦ ହସେ ଖିଲି ଖିଲି
ସରସୀରେ ନୀଳ କଇଁ
ଗଙ୍ଗଶିଉଳିର ମୃଦୁ ମୃଦୁ ବାସ୍ନା
ଚଉଦିଗେ ମହକଇ ।
ଧରଣୀ ଦିଶଇ ସବୁଜିମା ଭରା
କ୍ଷେତରେ ଫସଲ ହସେ
ଚଷାପୁଅ ମନ ଆନନ୍ଦେ ବିଭୋର
କ୍ଷେତକୁ ଦେଖି ହରଷେ ।
ଶରତେ ଆସିବେ ମାଆ
ଆଦ୍ୟାଶକ୍ତି
ଜଗତ କଲ୍ୟାଣ ପାଇଁ
ସମର୍ପଣ ଭାବ ନିଷ୍କାମ ଭକ୍ତିରେ
ମାଆଙ୍କୁ ପୂଜିବା ଯାଇ ।

**– ଡ. ଶୁଭେନ୍ଦୁ ମହାପାତ୍ର**
ସତ୍ୟବିହାର, ପଳାଶୁଣୀ,
ଭୁବନେଶ୍ୱର
ମୋ: ୯୪୩୮୦୬୪୯୦୮

## ଦଶହରା ଛୁଟି

ଦଶହରା ଛୁଟି ଆସିଅଛି ମିତ
ପରାଣେ ଜାଗିଛି ଖୁସି
ମାତା ଦଶଭୁଜା ପୂଜା ମଣ୍ଡପରେ
ବିରାଜିବେ ହସି ହସି ।
ଜେଜେ କହୁଥିଲେ ମହିଷାସୁରକୁ
ମାରିଥିଲେ ଦୁର୍ଗାମାତ
ଅସତ୍ୟ ଅଧର୍ମ ପାପ କର୍ମ ପାଇଁ
ହୋଇଥିଲା ସେ ନିହତ ।
ଧର୍ମର ବିଜୟ ହୋଇଥାଏ ସଦା
ଅଧର୍ମର ହୁଏ ନାଶ
ଆସ ଦଶରାରେ ଧର୍ମ କାମ କରି
ସର୍ବିଙ୍କୁ କରିବା ତୋଷ ।
ଆମେ ସର୍ବେ ମିଳି ଦଶରା ଛୁଟିରେ
ଅନାଥ ଆଶ୍ରମ ଯିବା
ଅନାଥ ପିଲାଙ୍କୁ ସ୍ନେହ ଶ୍ରଦ୍ଧା ବାଣ୍ଟି
ସାଥୀର ଦରଜା ଦେବା ।
ତାଙ୍କରି ଖୁସିରେ ଆମେ ଖୁସିହେବା
ବାଣ୍ଟିବା ସହାନୁଭୂତି
ନିରୀହ ଶିଶୁଙ୍କ ସେବା କରି ଆମେ
କାଟିବା ଦଶରା ଛୁଟି ।

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତ୍‌ସିଂହପୁର
ମୋ: ୭୩୫୬୬୭୩୪୩୪୬



## ଜୟ ମା' ଦୁର୍ଗେ

ଜୟ ମା' ଦୁର୍ଗେ ଦୁର୍ଗତି ନାଶିନୀ
ସିଂହ ବାହିନୀ ମହିଷମର୍ଦ୍ଦିନୀ
ଘେନ ମାଗୋ ଆମ ପୂଜା
ଭକତିରେ ଆମେ କରୁ ପ୍ରଣିପାତ
ତୁମ ପାଦେ ଦଶ ଭୁଜା ।
ଜଗତ ଜନନୀ ଆହେ ଦୟାମୟୀ
ତୁମ ମହିମାକେ ପାରିବ କହି
ଆସ ମାଗୋ କାତ୍ୟାୟନୀ
କରୁଛୁ ସ୍ୱାଗତ ସଭିଏ ତୁମକୁ
ଗାଇ ମନ୍ତ୍ର ଆବାହନୀ ।
ରଙ୍ଗ ବେରଙ୍ଗର ଆଲୋକ ସଜ୍ଜା
ସଭିଏ ନିଅନ୍ତି ପାର୍ବଣ ମଜା
ବାଜୁଛି ତେଲିଙ୍ଗି ବାଜା
ତୁମ ପୂଜା କରି ତ୍ରେତୟାରେ ରାମ
ବଧିଲେ ଲଙ୍କାର ରାଜା ।
ରୋକିବା ପାଇଁକି ଅପସଂସ୍କୃତି
ଅନାଚାର ଆଉ ପାପ ଅନୀତି
କୃପାକର ଭଗବତୀ
ହେବାକୁ ସତ୍ୟର ଅନୁରାଗୀ ଆମେ
ଦିଅ ସାହସ ଶକତି ।

**– ରାଜ କିଶୋର ସ୍ୱାଇଁ**
ମୋ: ୯୪୩୭୪୪୨୦୪୧



## ମଣ୍ଡପେ ମା'ର ପୂଜା

ବରଷକେ ଥରେ ଗାଆଁ ପଲ୍ଲୀପୁରେ
ମଣ୍ଡପେ ପାଇବେ ପୂଜା
କେହି ନୁହେଁ ସେ ତ ସାଧି ସେ ହିତ
ଜନନୀ ଯେ ଦଶଭୁଜା ।
ମାରିଥିଲ ମା'ଅସୁର ସଂସାରୁ
ଉଦ୍ଧରିବା ପାଇଁ ମହୀ
ପୁରାଣ ଓ ପୋଥି ଆମ କିମ୍ବଦନ୍ତୀ
ସେ କାହାଣୀ ଦିଏ କହି ।
ମାଆର ଆଶିଷେ ହେବା ଆମେ
ଦିନେ
ଭଲମଣିଷରେ ଗଣା
ଦେବାତାଙ୍କୁ ଭୋଗ କୁସୁମ ଚନ୍ଦନ
ଧୂପ ଦୀପ ଆଉ ଝୁଣା ।
ମା' ପାଦତଳେ ପଡ଼ିବା ଆମେରେ
ଜଣାଇବା ଧରା ଦୁଃଖ
ପୂଜାପାଇ ଶେଷେ ଘେନିବେ
ମେଲାଣି
ମାଆ ବାଣ୍ଟିଦେଇ ସୁଖ ।

**– ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି , ପୁରୀ
ମୋ: ୯୬୬୮୮୨୨୧୯୦

## ଏଥରର

- କେଉଁ ଦେଶରେ ସର୍ବାଧିକ ପ୍ରାକୃତିକ ହ୍ରଦ ରହିଛି ?
- ଆମାଜନ୍ ରେନ୍ ଫରେଷ୍ଟ କେଉଁଠାରେ ଅବସ୍ଥିତ ?
- ଅଷ୍ଟ୍ରେଲିଆର ରାଜଧାନୀର ନାମ ?
- ଇଟାଲୀର ରାଜଧାନୀ ?
- ଆୟତନ ଅନୁସାରେ ଆଫ୍ରିକାର ସବୁଠୁ ବଡ ସହର ?

ଉ ଉ ଉ

## ଗତଥରର

- ସେସିମୋଗ୍ରାଫ୍
- ରବିନ୍ଦ୍ରନାଥ ଟାଗୋର
- ନେତାଜୀ ସୁବାଷ ବୋଷ
- ୧୦୧.୪ ଡିଗ୍ରୀ ସେଲସିଅସ୍ ତାପମାତ୍ରା
- ତାମିଲନାଡୁର କୋଏମ୍ବାଟୁର

## କହିଲ ଦେଖି

ଏମିତି ଅଟଇ ଋତୁଟେ ସିଏ
ପାର୍ବଣକୁ ଧରି ଆସଇ ଯିଏ
ତାଯୋଗୁ ଧରାଟି ସୁନ୍ଦର ଦିଶେ
ନାନା ଫୁଲ ଫୁଟି ମହକି ବାସେ
କାଶତଣ୍ଡୀ ହସେ ନଈପଠାରେ
ମା'ଦୁର୍ଗା ଆସନ୍ତି ଏହି ଋତୁରେ
ବହୁତ ସୁନ୍ଦର ଋତୁଟି ସିଏ
ନାମଟି ତାହାର କହିବ କିଏ ?




ଉ– ଶରତ ଋତୁ

ଦଶ ହାତେ ଦଶ ଅସ୍ତ୍ର ସେ ଧରି
ଧରାକୁ ଆସନ୍ତି ସେ ଅବତରି
ଆଶ୍ୱିନ ମାସରେ ପୂଜା ତାଙ୍କର
ପୂଜୁଥାନ୍ତି ତାଙ୍କୁ ଭକ୍ତ ସକଳ
ମହିଷାସୁର ବଧ କରିଲେ ଯିଏ
ନାମଟି ତାଙ୍କର କହିବ କିଏ ?



ଉ– ମା'ଦୁର୍ଗା

ତଳରୁ ଉପର ବୁଲାଉ ଥାଏ
ଚକ୍ର ପରିସିଏ ଘୂରାଉ ଥାଏ
ଲାଗିଥାଏ ଯଦି କେଉଁଠି ମେଳା
ପକାଏ ଯାଇସେ ସେଇଠି ଡେରା
ଖୁସି ହେଉଥାନ୍ତି ସେଥିରେ ବସି
କହିଦିଅ ତା' ନାମ ଟିକିଏ ହସି ?



ଉ– ରାମଦୋଳି

ଦଶଟି ମୁଣ୍ଡକୁ ଗୋଟାଏ ଦେହ
ଦଶହରାରେ ତାଙ୍କୁ କରନ୍ତି ଦାହ
ରୂପଟି ତାଙ୍କର ତିଆରି କରି
ଅଗ୍ନିସଂଯୋଗରେ ଦିଅନ୍ତି ମାରି
ଖଞ୍ଜା ଯାଇଥାଏ ବାରୁଦ ଫାଶ
କରିବା ପାଇଁକି ତାକୁ ବିନାଶ
ଦଶହରାରେ ଏ ପର୍ବ ପାଳନ ହୁଏ
ନାମଟି ତାହାର କହିବ କିଏ ?



ଉ– ରାବଣପୋଡ଼ି

**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫

# ନଦୀର ରାଜ୍ୟ ମଧ୍ୟପ୍ରଦେଶ


ପ୍ରାୟ ଆମ ଦେଶର ପ୍ରତ୍ୟେକ ରାଜ୍ୟର କିଛି ନା କିଛି ବିଶେଷତ୍ୱ ରହିଛି। ଯେପରିକି ମଧ୍ୟପ୍ରଦେଶକୁ ନଦୀର ମା' (ମଦର ଅଫ୍ ରିଭର୍ସ) କୁହାଯାଏ। କାହିଁକି ନା ଏଠାରେ କେତୋଟି ବଡ଼ ନଦୀର ଉତ୍ପତ୍ତି ହୋଇଛି। ଏହି ରାଜ୍ୟରୁ ବାହାରି କେତେକ ନଦୀ ପଡ଼ୋଶୀ ରାଜ୍ୟରେ ମଧ୍ୟ ପ୍ରବାହିତ ହେଉଛି। ଏହାଦ୍ୱାରା ସେହି ରାଜ୍ୟଗୁଡ଼ିକରେ ଜଳସେଚନ, ପାନୀୟ ଜଳ ସମସ୍ୟା ସମାଧାନରେ ଏହା ସାହାଯ୍ୟ କରୁଛି। ମଧ୍ୟପ୍ରଦେଶର ନଦୀକୁ ଜୀବନରେଖା ମଧ୍ୟ କୁହାଯାଏ। ପ୍ରତିବର୍ଷ ବର୍ଷାଦିନରେ ଏହିସବୁ ନଦୀ ଭୟଙ୍କର ରୂପ ଧାରଣ କରିଥାନ୍ତି। ବିଶେଷଭାବରେ ମଧ୍ୟପ୍ରଦେଶର କୃଷି ଏହିସବୁ ନଦୀ ଉପରେ ନିର୍ଭର କରିଥାଏ। ଏହି ରାଜ୍ୟର ଅର୍ଥବ୍ୟବସ୍ଥା ଏବଂ ଜୀବନଶୈଳୀ ନଦୀ ସହ ଜଡ଼ିତ। ଏଭଳି କେତୋଟି ନଦୀ ବିଷୟରେ ସୂଚନା ଦିଆଯାଉଛି..

**ଚମ୍ବଲ ନଦୀ :** ଏହାକୁ ମଧ୍ୟପ୍ରଦେଶର ପ୍ରମୁଖ ଏବଂ ବଡ଼ ନଦୀ ଭାବେ ଗଣାଯାଏ। ଏହା ଇନ୍ଦୋର ଜିଲ୍ଲା ନିକଟରେ ଥିବା ଜନପାଭ ପାହଡ ହେଉଛି ଏହାର ଉତ୍ପତ୍ତି ସ୍ଥଳ। ଏହା ଯମୁନାର ସହାୟକ ନଦୀ ହେବା ସହିତ ଉତ୍ତରପ୍ରଦେଶ ଏବଂ ରାଜସ୍ଥାନ ଦେଇ ବହିଯାଇଛି। ନଦୀଟି ଘାଟି ଏବଂ ଦୁର୍ଗମ ଅଞ୍ଚଳ ପାଇଁ ବେଶ୍ ଜଣାଶୁଣା।

**ତାପ୍ତି ନଦୀ :** ଏହା ମଧ୍ୟପ୍ରଦେଶର ଏକ ପ୍ରମୁଖ ନଦୀ। ଏହି ନଦୀ ନର୍ମଦା ପରି ପଶ୍ଚିମ ଦିଗରୁ ପ୍ରବାହିତ ହୋଇ ଆରବ ସାଗରରେ ମିଶିଛି। ଧାର୍ମିକ ଦୃଷ୍ଟିକୋଣରୁ ନଦୀଟି ମହତ୍ତ୍ୱପୂର୍ଣ୍ଣ। ନଦୀଟି ମଧ୍ୟପ୍ରଦେଶ ବ୍ୟତୀତ ମହାରାଷ୍ଟ୍ର ଏବଂ ଗୁଜରାଟ ଦେଇ ବହି ଯାଇଛି।

**କେନ୍ ନଦୀ :** କେନ୍ ନଦୀର ଉତ୍ପତ୍ତି ଜବଲପୁର ଜିଲାର ନିକଟରେ ଅହିରଗୱାନରୁ ହୋଇଛି। ଏହି ନଦୀ ପନ୍ନା ନେଶନାଲ ପାର୍କ ମଧ୍ୟ ଦେଇ ଗତିକରିଛି। ଯେଉଁଥିପାଇଁ ଏହାର ପର୍ଯ୍ୟାବରଣର ମହତ୍ତ୍ୱ ଆହୁରି ବଢ଼ିଥାଏ। ଏହା ଯମୁନାର ସହାୟକ ନଦୀ। ତା'ସହ ଉକ୍ତ ନଦୀ ମଧ୍ୟପ୍ରଦେଶର ଚାଷୀଙ୍କ ଲାଗି ଜଳର ସ୍ରୋତ ଭାବରେ ଜଣାଶୁଣା। ଏଠାରେ ଥିବା ନର୍ମଦା, ଚମ୍ବଲ, ତାପ୍ତି, ବେତୱା, କେନ ଆଦି ନଦୀ କୂଳରେ ଗଢ଼ି ଉଠିଥିବା ସହର ଏବଂ ଗାଁ ନଦୀ ଉପରେ ନିର୍ଭର କରିଥାନ୍ତି। ଏହା ସହିତ ଏଠାରେ ଧାର୍ମିକ ଆସ୍ଥା ଜଡ଼ିତ ହୋଇ ରହିଛି। ନର୍ମଦା ପରିକ୍ରମା, ଚମ୍ବଲ ଘାଟି ଏବଂ ତାପ୍ତି ନଦୀ କୂଳରେ ଥିବା ମନ୍ଦିରକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଆଗମନ ହେବା ସହିତ ପର୍ଯ୍ୟଟକଙ୍କୁ ଆକର୍ଷିତ ମଧ୍ୟ କରିଥାଏ। ନଦୀ ପ୍ରାକୃତିକ ସୌନ୍ଦର୍ଯ୍ୟ, ଧାର୍ମିକ ଆସ୍ଥା ଏବଂ ପର୍ଯ୍ୟାବରଣ ମହତ୍ତ୍ୱର ସଙ୍ଗମ ସ୍ଥଳ ହେଉଛି ମଧ୍ୟପ୍ରଦେଶ।








**ନର୍ମଦା ନଦୀ**

ଏହି ନଦୀକୁ ମଧ୍ୟପ୍ରଦେଶର ସବୁଠାରୁ ବଡ଼ ଏବଂ ପବିତ୍ର ନଦୀ ଭାବରେ ଗ୍ରହଣ କରାଯାଇଛି। ଅମରକଣ୍ଟକରୁ ବାହାରି ଥିବା ଏହି ନଦୀର ଲମ୍ବ ପ୍ରାୟ ୧୩୧୨ କି.ମି। ଏହାକୁ ମଧ୍ୟପ୍ରଦେଶର ଜୀବନରେଖା ଏବଂ ଗଙ୍ଗାର ଭଉଣୀ ବୋଲି ମଧ୍ୟ କୁହାଯାଏ। ଏହି ନଦୀଟି ପଶ୍ଚିମ ଦିଗକୁ ବହିଯାଉଥିବା ଏକ ପ୍ରମୁଖ ନଦୀ। ଯାହା ଶେଷରେ ଆରବ ସାଗରରେ ମିଶିଥାଏ। ଏହି ନଦୀଟି ମହାରାଷ୍ଟ୍ର ଏବଂ ଗୁଜରାଟରେ ମଧ୍ୟ ପ୍ରବାହିତ ହେଉଛି।



**ବେତୱା ନଦୀ :** ବେତୱା ନଦୀ ରାୟସେନ ଜିଲାସ୍ଥିତ ବିନ୍ଧ୍ୟାଞ୍ଚଳ ପାହାଡରୁ ବାହାରିଛି। ଏହା ମଧ୍ୟପ୍ରଦେଶର ବଡ଼ ନଦୀ ଏବଂ ବୁନ୍ଦେଲଖଣ୍ଡ ଅଞ୍ଚଳର ଜୀବନଦାୟିନୀ ରୂପେ ପରିଚିତ। କାହିଁକି ନା ଯମୁନାରେ ମିଶିଥିବା ଏହି ନଦୀ ଉପରେ ଏଠାକାର ଚାଷୀ ଚାଷ ପାଇଁ ନିର୍ଭର କରିଥାଏ। ସ୍ଥାନୀୟ ଅଞ୍ଚଳରେ ସିଞ୍ଚନ ପ୍ରଣାଳୀ ଚାଷ ଲାଗି ଉକ୍ତ ନଦୀର ଜଳକୁ ବ୍ୟବହାର କରାଯାଏ।




# ଉଡ଼ାଜାହାଜରେ

## ଗ୍ରୀନ୍ ଏବଂ ଲାଲ୍ ରଙ୍ଗର ଲାଇଟ୍ କାହିଁକି ଜଳେ

ଆଜିକାଲି ଗମନାଗମନର ଅନ୍ୟତମ ସହଜ ମାଧ୍ୟମ ହେଲା ବିମାନସେବା। ଉଡାଜାହାଜ ଦ୍ୱାରା ଅନେକ ଦୂରକୁ କମ୍ ସମୟ ମଧ୍ୟରେ ଯିବା ଆସିବା କରିହେଉଛି। ରାତିରେ ଉଡିବା ସମୟରେ ତାହାର ଦୁଇ ପାଖରେ ସବୁଜ ବା ଗ୍ରୀନ୍ ଏବଂ ଲାଲ୍ ବା ରେଡ୍ ଲାଇଟ୍ ଜଳିଥାଏ। ତେବେ ଏଭଳି ଦୁଇଟି ରଙ୍ଗର ଲାଇଟ୍ କାହିଁକି ଜଳେ ? ତା' ପଛରେ କି କାରଣ ରହିଛି ? ଆସ, ସେ ବିଷୟରେ ଜାଣିବା। ଲାଲ୍ ରଙ୍ଗର ଲାଇଟ୍ ଉଡାଜାହାଜର ବାମପଟ ଡେଣା ଉପରକୁ ରହିଥାଏ। ଏହି ଲାଇଟ୍ ସାହାଯ୍ୟରେ ପାଇଲଟ୍ ଏବଂ ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ଏହାର ଦିଗ ସହଜରେ ଜାଣିପାରନ୍ତି। ତା'ସହ ବିମାନ ଦୁର୍ଘଟଣା ଆଶଙ୍କାକୁ କେତେକାଂଶରେ ଏଡାଇ ଦିଆଯାଇପାରିଥାଏ। ବିଶେଷଭାବରେ ରାତିରେ ଏହା ଲ୍ୟାଣ୍ଡିଂ କରିବା ସମୟରେ ଏହି ଲାଇଟ୍ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଗ୍ରୀନ୍ ଲାଇଟ୍ କୌଣସି ମୋଡ ବା ବୁଲାଣିର ସଙ୍କେତ ଦେଇଥାଏ। ଏହି ଲାଇଟ୍ ଯାତ୍ରା ସମୟରେ ନାଭିଗେଶନରେ ବହୁତ ସାହାଯ୍ୟ କରିଥାଏ। ଗ୍ରୀନ୍ ଲାଇଟ୍ ଉଡାଜାହାଜର ଡାହାଣ ପାଖର ଡେଣାର ଉପରକୁ ରହିଥାଏ।

# ଆଇନା



ତପସ୍ୱିନୀ ନାଥ
୧୪ ବର୍ଷ/କଟକ



ଆହାନା ବେହେରା
୭ ବର୍ଷ/ ମାଲକାନଗିରି